# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**28 September – 2025**

**News Editor : Satya Narayan Pattanaik**

*********************************

## ମୁଖ୍ୟ ସମ୍ବାଦ

- ପରମ୍ପରା ଏବଂ ନବସୃଜନ ଆଧାରରେ କରାଯାଉଥିବା କାର୍ଯ୍ୟ ଆଶ୍ଚର୍ଯ୍ୟଜନକ ଫଳାଫଳ ପ୍ରଦାନ କରିଥାଏ; ମନ୍ କୀ ବାତ୍‌ରେ କହିଲେ ପ୍ରଧାନମନ୍ତ୍ରୀ

- ରାଜ୍ୟରେ ସାମାଜିକ ଗବେଷଣାକୁ ପ୍ରୋତ୍ସାହନ ଏବଂ ଭବିଷ୍ୟତ ମାର୍ଗ ପ୍ରଶସ୍ତ ଲକ୍ଷ୍ୟରେ ଓଡ଼ିଶା ଗବେଷଣା କେନ୍ଦ୍ର ଏବଂ ଘରୋଇ ସଂସ୍ଥା ମଧ୍ୟରେ ଚୁକ୍ତିପତ୍ର ସ୍ୱାକ୍ଷରିତ

- ପରିବେଶ ସୁରକ୍ଷାରେ ନଦୀର ଭୂମିକା ସମ୍ପର୍କରେ ସଚେତନତା ସୃଷ୍ଟି ଲକ୍ଷ୍ୟ ନେଇ ଆଜି ପାଳନ କରାଯାଉଛି ବିଶ୍ୱ ନଦୀ ଦିବସ

ଏବଂ

- ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଲାଗି ରହିଛି ବର୍ଷା; ଆସନ୍ତା ବୁଧବାର ସୁଦ୍ଧା ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ସମ୍ଭାବନା

# ପିଏମ୍-ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମନ୍ କୀ ବାତ୍‌ର ୧୨୬ତମ ସଂସ୍କରଣରେ ଦେଶବାସୀଙ୍କ ସହ ଭାବବିନିମୟ କରିଛନ୍ତି। ଶ୍ରୀ ମୋଦୀ କହିଛନ୍ତି, ପରମ୍ପରା ଏବଂ ନବସୃଜନ ଆଧାରରେ କରାଯାଉଥିବା କାର୍ଯ୍ୟ ଆଶ୍ଚର୍ଯ୍ୟଜନକ ଫଳାଫଳ ପ୍ରଦାନ କରିଥାଏ। ପର୍ବପର୍ବାଣୀ ପାଳନ ଅବସରରେ ସ୍ୱଦେଶୀ ଉତ୍ପାଦ ବ୍ୟବହାର କରିବା ସହ ଭୋକାଲ୍ ଫର୍ ଲୋକାଲ୍ ମନ୍ତ୍ରକୁ ଆପଣାଇବାକୁ ପ୍ରଧାନମନ୍ତ୍ରୀ ଅନୁରୋଧ କରିଛନ୍ତି । ସ୍ୱଦେଶୀ ଉତ୍ପାଦ ବ୍ୟବହାର ଦ୍ୱାରା ଜଣେ କାରିଗରର କଠିନ ପରିଶ୍ରମକୁ ସମ୍ମାନ ମିଳିବ ଏବଂ ଯୁବ ଉଦ୍ୟୋଗୀଙ୍କ ସ୍ୱପ୍ନ ସାକାର ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଦେଶରେ ଖଦୀ ପ୍ରତି ଗତ ୧୧ ବର୍ଷରେ ଆକର୍ଷଣ ବୃଦ୍ଧି ପାଇବାରେ ଲାଗିଛି। ଆସନ୍ତା ୨ ତାରିଖ ଗାନ୍ଧି ଜୟନ୍ତୀରେ ଖଦୀ ଉତ୍ପାଦ କିଣିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି।

ସ୍ୱଚ୍ଛତା ଉପରେ ଗୁରୁତ୍ୱ ଆରୋପ କରି ପ୍ରଧାନମନ୍ତ୍ରୀ କହିଛନ୍ତି, କେବଳ ଘର ପରିବେଶ ମଧ୍ୟରେ ଏହାକୁ ସୀମିତ ନ ରଖି ସାର୍ବଜନୀନ ଅଞ୍ଚଳ, ବଜାର ଏବଂ ଗ୍ରାମ ପର୍ଯ୍ୟନ୍ତ ଏହାକୁ ବ୍ୟାପକ କରାଯିବା ଉଚିତ।

ନବରାତ୍ରୀ ପାଳନ ଅବସରରେ ଲୋକମାନେ ଶକ୍ତିପୂଜା କରନ୍ତି । ଏହି ଅବସରରେ ଶ୍ରୀ ମୋଦୀ ମହିଳା ସଶକ୍ତୀକରଣ ଉପରେ ଆଲୋକପାତ କରିଛନ୍ତି । ବ୍ୟବସାୟ ଠାରୁ କ୍ରୀଡ଼ା ଏବଂ ଶିକ୍ଷା ଠାରୁ ବିଜ୍ଞାନ ପର୍ଯ୍ୟନ୍ତ

ପ୍ରତ୍ୟେକ କ୍ଷେତ୍ରରେ ଦେଶର କନ୍ୟାସନ୍ତାନମାନେ ନିଜର ଉପସ୍ଥିତି ଜାହିର କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O (PM- Women)**

ଛଟ୍ ପୂଜା ଏବେ ଏକ ବିଶ୍ୱ ମହୋତ୍ସବରେ ପରିଣତ ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏହି ମହାପର୍ବକୁ ୟୁନେସ୍କୋର ଅକଳ୍ପନୀୟ ସାଂସ୍କୃତିକ ଐତିହ୍ୟ ତାଲିକାରେ ସାମିଲ କରିବାକୁ ସରକାର ପ୍ରୟାସ ଜାରି ରଖିଛନ୍ତି ବୋଲି ସେ କହିଛନ୍ତି । ସରକାରଙ୍କ ପ୍ରୟାସ ଯୋଗୁଁ କୋଲକାତାର ଦୁର୍ଗାପୂଜା ମହୋତ୍ସବ ୟୁନେସ୍କୋ ତାଲିକାରେ ଅନ୍ତର୍ଭୁକ୍ତ ହୋଇଛି । ପ୍ରଧାନମନ୍ତ୍ରୀ ସ୍ୱାଧୀନତା ସଂଗ୍ରାମୀ ଶହୀଦ ଭଗତ ସିଂ ଏବଂ ଗାୟିକା ଲତା ମଙ୍ଗେସକରଙ୍କୁ ଜନ୍ମବାର୍ଷିକୀରେ ସ୍ମରଣ କରି ତାଙ୍କ ସଂପର୍କରେ ଆଲୋକପାତ କରିଛନ୍ତି । ଏହି ଅବସରରେ ଶ୍ରୀ ମୋଦୀ ଉଭୟଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଆଗାମୀ ଦିନରେ ବିଜୟା ଦଶମୀ ପାଳନ କରାଯିବ । ଚଳିତବର୍ଷ ଏହି ଦିବସ ପାଳନର ଅନ୍ୟ ଏକ ବିଶେଷତ୍ୱ ହେଉଛି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପ୍ରତିଷ୍ଠାର ଶହେବର୍ଷ ପୂରଣ । ଏକ ଶତାବ୍ଦୀର ଏହି ଯାତ୍ରା ଯେତିକି ଆଶ୍ଚର୍ଯ୍ୟଜନକ ଏବଂ ଅଭୂତପୂର୍ବ, ସେତିକି ପ୍ରେରଣାଦାୟୀ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଡକ୍ଟର କେ.ବି. ହେଡ୍‌ଗେୱାର୍ ୧୯୨୫ ମସିହାରେ ବିଜୟା ଦଶମୀ ଦିନ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପ୍ରତିଷ୍ଠା କରିଥିଲେ । ଦୀପାବଳି ପାଇଁ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ସ୍ୱଦେଶୀ କିଣି ଆତ୍ମନିର୍ଭରଶୀଳ ଭାରତ ଅଭିଯାନକୁ ସାକାର କରିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

## ଧର୍ମେନ୍ଦ୍ର ପ୍ରଧାନ-ଚୁକ୍ତିପତ୍ର

ରାଜ୍ୟରେ ସାମାଜିକ ଗବେଷଣାକୁ ପ୍ରୋତ୍ସାହନ ଏବଂ ଓଡ଼ିଶାର ଭବିଷ୍ୟତ ପାଇଁ ମାର୍ଗ ପ୍ରଶସ୍ତ ଲକ୍ଷ୍ୟରେ ଆଜି ଓଡ଼ିଶା ଗବେଷଣା କେନ୍ଦ୍ର ଏବଂ ଏକ ଘରୋଇ ସଂସ୍ଥା ମଧ୍ୟରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଛି ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ଏହି ପଦକ୍ଷେପ ସାମାଜିକ ଗବେଷଣାକୁ ପ୍ରୋତ୍ସାହନ ଦେବା ସହ ଓଡ଼ିଶାର ଯୁବପିଢ଼ି ପାଇଁ ଗବେଷଣା କ୍ଷେତ୍ରରେ ନୂତନ ଅଧ୍ୟାୟ ଆରମ୍ଭ କରିବ । ୨୦୩୬ ମସିହାରେ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟ ଭାବେ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରିବାକୁ ଥିବାବେଳେ ୨୦୪୭ରେ ଦେଶ ସ୍ୱାଧୀନତାର ଶତବାର୍ଷିକୀ ପାଳନ କରିବ । ଇତିହାସକୁ ପ୍ରାଥମିକତା ଦେଇ ଓଡ଼ିଶା ଗବେଷଣା କେନ୍ଦ୍ର ମାଧ୍ୟମରେ ଗବେଷଣା ଓ ତଥ୍ୟ ଆଧାରରେ ଯୁବପିଢ଼ିଙ୍କ ପାଖରେ ସବୁ ବିଷୟ ଉପସ୍ଥାପନା କରିବା ସରକାରଙ୍କ ଲକ୍ଷ୍ୟ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା, ଭାଷା ସାହିତ୍ୟ, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଆଇଆଇଟି ଖଡଗପୁରର ନିର୍ଦ୍ଦେଶକ ପ୍ରଫେସର ସୁମନ ଚକ୍ରବର୍ତ୍ତୀ, ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରମଲକର ପ୍ରମୁଖ ଯୋଗଦେଇଥିଲେ ।

## ଜାତୀୟ ମଧ୍ୟସ୍ଥତା ସମ୍ମିଳନୀ

ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଦ୍ୱିତୀୟ ଜାତୀୟ ମଧ୍ୟସ୍ଥତା ସମ୍ମିଳନୀର ଉଦ୍‌ଯାପନୀ ଦିବସର ଦ୍ୱିତୀୟ ଅଧିବେଶନରେ ଭାରତରେ ମଧ୍ୟସ୍ଥତା ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ଆଲୋଚନା କରାଯାଇଛି। ଅଧିବେଶନରେ ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ୍ ବି.ଭି.ନାଗରତ୍ନା ଅଧ୍ୟକ୍ଷତା କରି କ୍ଷେତ୍ର ନିର୍ଦ୍ଦିଷ୍ଟ ଭିତ୍ତିରେ ମଧ୍ୟସ୍ଥତା ଏବଂ ଦକ୍ଷତା ଓ ଫଳାଫଳ ଆଧାରିତ ପ୍ରକ୍ରିୟାକେନ୍ଦ୍ରିତ ମଧ୍ୟସ୍ଥତା ସମ୍ପର୍କରେ ଆଲୋଚନା କରିଥିଲେ।  ପରିବେଶ ସୁରକ୍ଷା ସମ୍ବନ୍ଧୀୟ ବିବାଦଗୁଡ଼ିକର ସମାଧାନ ପାଇଁ ସବୁଜ ମଧ୍ୟସ୍ଥି ଏବଂ ଶିଳ୍ପଭିତ୍ତିକ ଆଇନ୍ ପାଇଁ ସ୍ୱତନ୍ତ୍ର ମଧ୍ୟସ୍ଥିତର ଆବଶ୍ୟକତା ରହିଛି ବୋଲି ଜଷ୍ଟିସ୍ ନାଗରତ୍ନା କହିଥିଲେ। ସମ୍ମିଳନୀର ତୃତୀୟ ଅଧିବେଶନରେ ରାଜ୍ୟ ସହ ଜଡିତ ମାମଲାଗୁଡ଼ିକର ମଧ୍ୟସ୍ଥତା ଉପରେ ଆଲୋଚନା କରାଯାଇଥିଲା। ଅଧିବେଶନରେ ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ ଅରବିନ୍ଦ କୁମାର ଅଧ୍ୟକ୍ଷତା କରି ସରକାରୀ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସୌହାର୍ଦ୍ଦ୍ୟପୂର୍ଣ୍ଣ ମଧ୍ୟସ୍ଥତା ଏବଂ ପାରସ୍ପରିକ ସମ୍ମାନଜନକ ନିଷ୍ପତ୍ତି ଆବଶ୍ୟକ ବୋଲି ଗୁରୁତ୍ୱାରୋପ କରିଥିଲେ।

## ଯାଦୁଇ ପିଟାରା

ଭୁବନେଶ୍ୱରସ୍ଥିତ ଆଂଚଳିକ ଶିକ୍ଷା ପ୍ରତିଷ୍ଠାନରେ ଆଜି  ପିଏମ୍‌ଶ୍ରୀ ପ୍ରୟୋଗିକ ବହୁମୁଖୀ ବିଦ୍ୟାଳୟର ସହଯୋଗରେ ଯାଦୁଇ ପିଟାରା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।  କାର୍ଯ୍ୟକ୍ରମରେ ବିଦ୍ୟାଳୟର

ବାଲ୍‌ବାଟିକା ଛାତ୍ରଛାତ୍ରୀଙ୍କ ଜେଜେମା-ଜେଜେବାପା ଏବଂ ପିତାମାତାମାନେ ଅଂଶଗ୍ରହଣ କରିଥିଲେ। ଜାତୀୟ ଶିକ୍ଷାନୀତି ୨୦୨୦ ଆଧାରିତ କାର୍ଯ୍ୟକ୍ରମରେ ଆଂଚଳିକ ଶିକ୍ଷା ପ୍ରତିଷ୍ଠାନର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଲକ୍ଷ୍ମୀଧର ବେହେରା ଯୋଗଦେଇ ଏନ୍‌ସିଆରଟିର ଯାଦୁପେଡି କିପରି କୋମଳମତି ଛାତ୍ରଛାତ୍ରୀମାନଙ୍କୁ ଶାରୀରିକ ଓ ମାନସିକ ଆନନ୍ଦ ପ୍ରଦାନ ଏବଂ ଭାରତୀୟ ଜ୍ଞାନ ପରମ୍ପରା ସହ ନିବିଡ଼ କରାଯାଉଛି ସେ ସମ୍ପର୍କରେ ଆଲୋଚନା କରିଥିଲେ।

# ସେବାପର୍ବ-ପିଏମ୍ ଜନଧନ

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ରଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି । ଆମର ସ୍ୱତନ୍ତ୍ର ଧାରାବାହିକ ସେବା ପର୍ବରେ ଆସନ୍ତୁ ଜାଣିବା ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନା ମାଧ୍ୟମରେ ଦେଶର ଚାଷୀଙ୍କୁ ଅର୍ଥନୈତିକ ସ୍ତରରେ ସଶକ୍ତ କରିବାପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ.....

**Seba Parba Opening**

ଭାରତ ଶତାବ୍ଦୀ ଧରି ଏକ କୃଷି ପ୍ରଧାନ ଦେଶ ଭାବେ ପରିଗଣିତ ହୋଇଆସିଛି। ଆଜି ମଧ୍ଯ ଦେଶର ଜନସଂଖ୍ୟାର ଅର୍ଦ୍ଧାଧିକ ଲୋକେ ଜୀବିକା ପାଇଁ ଚାଷ ଉପରେ ନିର୍ଭର କରିଥାନ୍ତି। ଶସ୍ୟଭଣ୍ଡାରଗୁଡ଼ିକୁ ପୂର୍ଣ୍ଣ କରିଆସୁଥିବା ଆମର ଅନ୍ନଦାତାମାନେ ଅନେକ ସମୟରେ ବିଭିନ୍ନ

ପ୍ରତିବନ୍ଧକର ସମ୍ମୁଖୀନ ହୋଇଥାନ୍ତି। ଏହାକୁ ଦୃଷ୍ଟିରେ ରଖି ୨୦୧୯ ମସିହା ଫେବୃୟାରୀ ୨୪ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପିଏମ୍ କିଷାନ ଯୋଜନାର ଶୁଭାରମ୍ଭ କରିଥିଲେ। ଏ ସମୟରେ ପ୍ରଧାନମନ୍ତ୍ରୀ ଉଦ୍‌ବୋଧନ ଦେଇ କହିଥିଲେ....

**V/O (PM - Kisan)**

ପିଏମ୍ କିଷାନ ଯୋଜନା ଅଧୀନରେ ଚାଷୀମାନେ ପ୍ରତି ୪ ମାସରେ ୨ ହଜାର ଟଙ୍କାର ସହାୟତା ରାଶି ପାଇଥାନ୍ତି। ଏପର୍ଯ୍ୟନ୍ତ ଯୋଜନା ଅଧିନରେ ୨୧ଟି କିସ୍ତିରେ ୩ ଲକ୍ଷ ୯୦ ହଜାର କୋଟି ଟଙ୍କା ଚାଷୀଙ୍କ ଆକାଉଣ୍ଟକୁ ସ୍ଥାନାନ୍ତର କରାଯାଇଛି। ପ୍ରଧାନମନ୍ତ୍ରୀ କିଷାନ ଯୋଜନା ଚାଷୀଙ୍କୁ ସଶକ୍ତ କରିବା ସହ ଦେଶର ଖାଦ୍ୟଭଣ୍ଡାରକୁ ସମୃଦ୍ଧ କରୁଛି।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ

**Seba Parba Closing**

## ଭଗତ୍ ସିଂହ ଜୟନ୍ତୀ

**ଭଦ୍ରକ** ଜିଲ୍ଲାରେ ସହିଦ୍ ଭଗତ୍ ସିଂହଙ୍କ ୧୧୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ବାଗୁରାଇସ୍ଥିତ ଅବସର ସୈନିକ ସଂଘ କାର୍ଯ୍ୟାଳୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗଦେଇ ସହିଦ୍ ଭଗତ ସିଂହଙ୍କ ପ୍ରତିମୂର୍ତ୍ତିକୁ ଉଦ୍‌ଘାଟନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନ ପାଇଁ ସମସ୍ତଙ୍କୁ ସଂକଳ୍ପ ନେବାପାଇଁ ଶ୍ରୀ ମହାଲିଙ୍ଗ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସାଂସଦ

ଅଭିମନ୍ୟୁ ସେଠୀ, ବିଧାୟକ ସୀତାଂଶୁ ଶେଖର ମହାପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ ।

## ପୋଥି ସଂରକ୍ଷଣ ପ୍ରସ୍ତୁତି ବୈଠକ

ଭାରତ ସରକାରଙ୍କ ସଂସ୍କୃତି ବିଭାଗ ଦ୍ଵାରା **ବୌଦ୍ଧ**ଠାରେ ଆସନ୍ତାମାସରେ ଏକ ତାଳପତ୍ର ପୋଥି ଓ ପାଣ୍ଡୁଲିପି ସଂରକ୍ଷଣ କର୍ମଶାଳା ଆୟୋଜିତ ହେବ। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ବୌଦ୍ଧ ଜିଲ୍ଲା ବ୍ରାହ୍ମଣ ସମାଜର ସଭାପତି ଗୁରୁପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ବ୍ରାହ୍ମଣ ମହାସଂଘର କାର୍ଯ୍ୟକାରୀ ସମ୍ପାଦକ ରାମପ୍ରସାଦ ଦାସ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ପାଦକ ଦେବାଶୀଷ ପୁରୋହିତ ଭାରତ ସରକାରଙ୍କ ସଂସ୍କୃତି ବିଭାଗ ଓ ସରସ୍ଵତୀ ଗବେଷଣା ଅନୁଷ୍ଠାନର ମିଳିତ ସହଯୋଗରେ ତାଳପତ୍ର ପୋଥି ଓ ପାଣ୍ଡୁଲିପି ସଂରକ୍ଷଣ ନେଇ ଆଲୋଚନା କରିଥିଲେ।

## କାଳୀପୂଜା

**ଯାଜପୁର** ଜିଲ୍ଲାରେ ଚଳିତବର୍ଷ ଗଣପର୍ବ କାଳୀପୂଜାକୁ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବା ନେଇ  ଜିଲ୍ଲାପାଳ ଅମର କୁମାର କରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶ୍ରୀ କର ପୂଜାମଣ୍ଡପ ଚତୁପାର୍ଶ୍ୱରେ ସ୍ୱଚ୍ଛତା ରଖିବା ପାଇଁ ପରାମର୍ଶ ଦେଇଥିଲେ। ବିଭିନ୍ନ ଶାନ୍ତିକମିଟି ଓ ପୂଜା କମିଟି ପକ୍ଷରୁ ବିଭିନ୍ନ ପ୍ରସଙ୍ଗରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା।

## ଜଳାତଙ୍କ ଜିଲ୍ଲା

**ଗଜପତି** ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଜିଲ୍ଲା ସ୍ୱାସ୍ଥ୍ୟସମିତି ପକ୍ଷରୁ ଜିଲ୍ଲାସ୍ତରୀୟ ବିଶ୍ୱ ଜଳାତଙ୍କ ଦିବସ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ବହୁ ସଂଖ୍ୟାରେ ଆଶାକର୍ମୀ ଓ ସ୍ୱାସ୍ଥ୍ୟବିଭାଗ କର୍ମଚାରୀ ଯୋଗଦେଇ ଜଳାତଙ୍କ ରୋଗ ଉପରେ ସଚେତନର ବାର୍ତ୍ତା ଦେଇଥିଲେ।

**ବୌଦ୍ଧ** ଜିଲ୍ଲା ମୁଖ୍ୟ ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ ବିଶ୍ୱ ଜଳାତଙ୍କ ଦିବସ ପାଳିତ ହୋଇଯାଇଛି। ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ ମାନବ ସମାଜ ସହିତ ପ୍ରାଣୀସମ୍ପଦଙ୍କୁ କିପରି ଜଳାତଙ୍କ ରୋଗରୁ ସୁରକ୍ଷିତ ରଖାଯାଇପାରିବ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ।

# ବିଶ୍ୱ ନଦୀ ଦିବସ

ପରିବେଶ ସୁରକ୍ଷାରେ ନଦୀ ଏବଂ ଅନ୍ୟାନ୍ୟ ଜଳଉତ୍ସ ଗୁଡ଼ିକର ଭୂମିକା ଏବଂ ଏହାର ସଂରକ୍ଷଣ ନେଇ ସଚେତନତା ବୃଦ୍ଧି ଲକ୍ଷ୍ୟରେ ଆଜି ବିଶ୍ୱ ନଦୀ ଦିବସ ପାଳନ କରାଯାଉଛି । ୨୦୦୫ ମସିହାରୁ ପ୍ରତିବର୍ଷ ସେପ୍ଟେମ୍ବର ମାସ ଶେଷ ରବିବାର ଦିନ ଏହି ଦିବସ ପାଳିତ ହୋଇଥାଏ । ଏହି ଅବସରରେ ବିଭିନ୍ନ ସଂଗଠନ ପକ୍ଷରୁ ନଦୀଗୁଡ଼ିକୁ ସ୍ୱଚ୍ଛ ଓ

ପ୍ରଦୂଷଣମୁକ୍ତ ରଖିବା ପାଇଁ ସଚେତନତାମୂଳକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

## ପାଣିପାଗ

ଉତ୍ତର-ପଶ୍ଚିମ ଓ ସଂଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଯୋଗୁଁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ପାଣିପାଗ ବିଭାଗ ଅନୁସାରେ ଆଜିଠାରୁ ବର୍ଷାର ପରିମାଣ କମିବ । ମୌସୁମୀର ପ୍ରଭାବରେ ରାଜ୍ୟର ମଧ୍ୟ ଉପକୂଳ ଅଞ୍ଚଳ ଗୁଡ଼ିକରେ ମଙ୍ଗଳବାର ପର୍ଯ୍ୟନ୍ତ କିଛି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ଲାଗିରହିବ । ଅନ୍ୟପକ୍ଷରେ ଆସନ୍ତା ବୁଧବାର ୧ ତାରିଖ ଦିନ ବଙ୍ଗୋପସାଗରରେ ଆଉଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ଭୀଷଣ ବର୍ଷା ହେବାର ଅନୁମାନ କରାଯାଇଛି ।

ରାଜ୍ୟର ବିଭିନ୍ନ ନଦୀରେ ବନ୍ୟା ପରିସ୍ଥିତି ନାହିଁ ବୋଲି ଜଳବିଭାଗ ସମ୍ପଦ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି। ବର୍ଷାର ପରିମାଣ ହ୍ରାସ ପାଇବା ସହ ନଦୀଗୁଡ଼ିକରେ ଜଳସ୍ତର ବିପଦସଂକେତ ତଳେ ପ୍ରବାହିତ ହେଉଛି।